**ଟୋଲ୍ ଗେଟ୍ ଭାଙ୍ଗି ଗୋରୁ ବୋଝେଇ ଗାଡ଼ି ଚମ୍ପଟ**

**କେନ୍ଦୁଝର,(ସ୍ୱ.ପ୍ର.):** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଧୀନ ଖିରେଇଟାଙ୍ଗିରି ସ୍ଥିତ ଏନ୍ଏଚ୍ ୪୯ରେ ଥିବା ଟୋଲ୍ ଗେଟ୍ ଭାଙ୍ଗି ଦୁଇଟି ଗୋରୁ ବୋଝେଇ ଟ୍ରକ ଫେରାର ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଅଭିଯୋଗ ପରେ ପୋଲିସ ସିସିଟିଭି ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ଏହି ଗାଡ଼ି ଗୁଡ଼ିକ ସମ୍ବଲପୁରରୁ କେନ୍ଦୁଝର ଦେଇ କୋଲକାତା ଅଭିମୁଖେ ବେଆଇନ ଭାବେ ଗୋରୁ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଏନ୍ଏଚ୍ ୪୯ ଦେଇ ଦୈନିକ ବହୁ ସଂଖ୍ୟାରେ ବେଆଇନ ଗୋରୁ ବୋଝେଇ ଟ୍ରକ, କଣ୍ଟେନର, ପିକ୍ଅପ୍ ଭ୍ୟାନରେ ଚାଲାଣ ହେଉଥିବା ବେଳେ ହଜାର ହଜାର ସଂଖ୍ୟାରେ ଗୋରୁ ଚଲାଇ ଚଲାଇ ଚାଲାଣ ହେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।

## ସଂକ୍ଷେପରେ

### ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

**ବାରିପଦା ଅଫିସ,୧୩।୫:** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ କାଠପାଳ ସ୍ପିନିଂମିଲ୍ ପରିସରରେ ଥିବା କର୍ମଚାରୀଙ୍କ କ୍ୱାର୍ଟର୍ସରୁ ଜନୈକା ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଜବତ କରିଛି। ମୃତ ମହିଳା ଜଣକ ହେଲେ ଦିନେଶ ଶର୍ମାଙ୍କ ସ୍ତ୍ରୀ କ୍ରିଷ୍ଣାଦେବୀ। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି। ଥାନାରେ ଅପମୃତ୍ୟୁ ମାମଲା(ନଂ.୨୨/୨୨)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ପରିବାର ଲୋକେ ଖାଇପିଇ ଶୋଇଥିଲେ। ଶୁକ୍ରବାର ସକାଳେ କ୍ରିଷ୍ଣାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ୋଶୀଙ୍କ ଘର ବାରଣ୍ଡାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପଡ଼ୋଶୀଙ୍କ ସହ ମୃତକଙ୍କ ପରିବାର ଲୋକଙ୍କ ଶତ୍ରୁତା ଥିବା ନେଇ ଗତ ଏପ୍ରିଲ ୧୪ରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଉଭୟ ପରିବାରର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ପରେ ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଥିବା ନେଇ ସନ୍ଦେହ ଉପୁଜିଛି। ମହିଳା ଜଣକ ସେଠାରେ କିପରି ପହଞ୍ଚିଲେ ଓ କେମିତି ନିଆଁରେ ପୋଡ଼ି ହେଲେ ତାହାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

### ମୃତ୍ୟୁ ପ୍ରମାଣପତ୍ର ପାଇଁ ଟଙ୍କା କାରବାର

**ଭିଡ଼ିଓ ଭାଇରାଲ ପରେ ଚର୍ଚ୍ଚା**

**ସିମୁଳିଆ, ୧୩।୫(ଡି.ଏନ.ଏ.):** ବିଭିନ୍ନ ସୋସିଆଲ ମିଡ଼ିଆରେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ୍ମମୃତ୍ୟୁ ବିଭାଗରେ ଟଙ୍କା କାରବାର ହେଉଛି। ଏନେଇ ଫଟୋ ଭାଇରାଲ ହେବା ପରେ ଚର୍ଚ୍ଚା ଆରମ୍ଭ ହୋଇଛି। ସିମୁଳିଆ ବ୍ଲକ ବଙ୍ଗାଳପୁର ଅଞ୍ଚଳର ଜଗବନ୍ଧୁ ମଲିକ ପାରାଲିସିସରେ ମୃତ୍ୟୁ ଘଟିଥିବା ତାଙ୍କ ବାପା ରବୀନ୍ଦ୍ରଙ୍କ ମୃତ୍ୟୁ ପ୍ରମାଣପତ୍ର ଆଣିବା ପାଇଁ ଗତ ବୁଧବାର ସିମୁଳିଆ ମେଡ଼ିକାଲର ଜନ୍ମମୃତ୍ୟୁ ପ୍ରମାଣପତ୍ର ବିଭାଗକୁ ଯାଇଥିଲେ। ଏହି ଦାୟିତ୍ୱରେ ଥିବା ସୁପରଭାଇଜର ଦିବାକର ମହାନ୍ତି ତାଙ୍କ ନିକଟରୁ ଶହେଟଙ୍କା ନେଇ ପରେ ଫେରାଉଥିବା ଏକ ଭିଡ଼ିଓ ଭାଇରାଲ ହୋଇଛି। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ସାର୍ଟିଫିକେଟ ପାଇଁ ସୋର ଯାଇ ଚାଲାଣ କାଟିବା ପାଇଁ ପଡୁଥିବା ସେ ସୂଚନା ଦେଇଛନ୍ତି।

### ନାବାଳିକା ଅପହରଣ ମାମଲାରେ ୨ ଗିରଫ

**କୁଆମରା,୧୩।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଦୁଇ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ଫେଣୀ ଗ୍ରାମର ଆକାଶ ସିଂ ଓ ମୋରଡ଼ା ଥାନା ଅନ୍ତର୍ଗତ ସିନ୍ଦୁରଯୋଡ଼ାର ବାପି ବିନ୍ଧାଣୀ। ଗତ ୭ ତାରିଖରେ ଜନୈକା ୧୭ ବର୍ଷିୟା ନାବାଳିକାଙ୍କୁ ଆକାଶ ବଳପୂର୍ବକ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ମାମଲା (ନଂ.୧୧୮/୨୨) ରୁଜୁ କରି ଅଭିଯୁକ୍ତ ଆକାଶଙ୍କୁ ଗିରଫ କରିଛି। ସେହିପରି ଅନ୍ୟ ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ସିନ୍ଦୁରଯୋଡ଼ା ଗ୍ରାମର ବାପି ବିନ୍ଧାଣୀଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ମାମଲା(ନଂ.୧୧୯/୨୨) ରୁଜୁ ହୋଇଛି।

### ବାଲି ବୋଝେଇ ଡମ୍ଫର ଜବତ

**କୁଆମରା ୧୩।୫ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କୁଶଳଦା ରାଜସ୍ୱ ନିରୀକ୍ଷକ ଶୁକ୍ରବାର ବେଆଇନ ବାଲି ବୋଝେଇ ଏକ ଡମ୍ଫରକୁ ଜବତ କରିଛନ୍ତି। ଡମ୍ଫରଟି ସୋନ ନଦୀରୁ ବାଲି ବୋଝେଇ କରି ପଡ଼ୋଶୀ ବାଲେଶ୍ୱର ଜିଲାକୁ ନେଉଥିବା ବେଳେ ସାଇଁକୁଳାଠାରେ ଗାଡ଼ି ଅଟକାଇ ଯାଞ୍ଚ କରାଯାଇଥିଲା। ଓଭରଲୋଡିଂ ସହ କାଗଜ ପତ୍ର ଠିକ୍ ନ ଥିବାରୁ ଡମ୍ଫରଟିକୁ କୁଆମରା ଫାଣ୍ଡିରେ ଅଟକ ରଖାଯାଇଥିଲା। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ୩୫ହଜାର ଟଙ୍କା ଜରିମାନା ଆଦାୟ ପରେ ଡମ୍ଫରକୁ ଛାଡ଼ି ଦିଆଯାଇଛି।

### ଛାତରୁ ପଡ଼ି ପ୍ରାଣଗଲା

**ସାରସକଣା,୧୩।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ପଦ୍ମପୁର ଗ୍ରାମର ଯାଦବ ଘୋଷ(୬୨) ଛାତରୁ ପଡ଼ି ପ୍ରାଣ ହରାଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଶାର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

**ଯୁବକଙ୍କ ମୃତଦେହ ଜବତ**

**ଖୁଣ୍ଟା/କୁଆମରା,୧୩।୫(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ଫେଣୀ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ବୁଧୁଆ ବିନ୍ଧାଣୀଙ୍କ ପୁଅ ବାପୁନ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଥାନାରେ ଅପମୃତ୍ୟୁ ମାମଲା(ନଂ.୨୭/୨୨) ରୁଜୁ ହୋଇଛି।

# ପଦବୀ ଖାଲି, ହୋଇପାରୁନି ଶୁଣାଣି

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ, ୧୩।୫**

- ଅତିରିକ୍ତ/ଯୁଗ୍ମ କମିଶନରଙ୍କ ଚକବନ୍ଦୀ ଓ ବନ୍ଦୋବସ୍ତ ଅଦାଲତ
- ପଡ଼ିରହିଛି ୧୦ ହଜାରରୁ ଉର୍ଦ୍ଧ୍ୱ ମକଦ୍ଦମା

ବାଲେଶ୍ୱର ସହର ଏଡିଏମ୍ ଛକ ନିକଟରେ ରହିଛି ଅତିରିକ୍ତ/ଯୁଗ୍ମ କମିଶନରଙ୍କ ଚକବନ୍ଦୀ ଓ ବନ୍ଦୋବସ୍ତ ଅଦାଲତ। ଏହି ଅଦାଲତରେ ଭଦ୍ରକ ଓ ବାଲେଶ୍ୱର ଜିଲାର ସମସ୍ତ ଜମିବାଡ଼ି ଓ ସମ୍ପତ୍ତିଗତ ମକଦ୍ଦମାର ଶୁଣାଣି ହୋଇଥାଏ। ଚାନ୍ଦବାଲିଠାରୁ ଆରମ୍ଭ କରି ରାଇବଣିଆ ପର୍ଯ୍ୟନ୍ତ ଲୋକେ ଏହି ଅଦାଲତ ଉପରେ ନିର୍ଭର କରିଥାନ୍ତି। ପୂର୍ବାହ୍ନ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅଦାଲତ ଚାଲିଥାଏ। ପରେ ଶୁଣାଣି ଥିଲେ ଅଦାଲତ ଖୋଲାରହିଥାଏ। ମାତ୍ର ଦୀର୍ଘଦିନ ହେବ ଅଦାଲତରେ ଅତିରିକ୍ତ କମିଶନରଙ୍କ ପଦ ଫାଙ୍କା ଥିବାରୁ ଶୁଣାଣି ବନ୍ଦ ହୋଇଯାଇଛି। ଏହି ଅଦାଲତରେ ଅତିରିକ୍ତ କମିଶନରଙ୍କ ସମେତ ୫ଜଣ କର୍ମଚାରୀ ରହିଛନ୍ତି। ତେବେ ଅତିରିକ୍ତ କମିଶନରଙ୍କ ବିନା କୋର୍ଟ ବା ଅଦାଲତ ଏକପ୍ରକାର ଅଚଳାବସ୍ଥାରେ ରହିଛି।

ଗତ ୨୦୧୯ ମେ'ରେ ଅତିରିକ୍ତ/ଯୁଗ୍ମ କମିଶନର ସାଧବ ମିଞ୍ଜ ଅବସର ନେବା ପରେ ଧନଞ୍ଜୟ ହେମ୍ବ୍ରମ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ୨୦୨୦ ମାର୍ଚ୍ଚରେ ଅବସର ଗ୍ରହଣ କଲେ। ତେବେ ଇନଚାର୍ଜ ହାକିମ ବିଶେଷ ମକଦ୍ଦମା ବିଚାର କରିପାରନ୍ତି ନାହିଁ। ପରେ ଅମର ସିଂ ସୋରେନ ୮ମାସ ରହିଲେ। ଯିଏକି ଗୋଟିଏ ବି ମକଦ୍ଦମା ବିଚାର କରି ନ ଥିବା ବେଳେ ଗତ ୨୦୨୧ ଜୁଲାଇରେ ଅବସର ନେଲେ। ସେବେଠାରୁ ଏହି ପଦବୀ ଫାଙ୍କା ପଡ଼ିଛି। ଏବେ ସୁଦ୍ଧା ଏହି ଅଦାଲତରେ ୧୦ହଜାରରୁ ଉର୍ଦ୍ଧ୍ୱ ମକଦ୍ଦମା ବିଚାର ନ ହୋଇ ପଡ଼ିରହିଛି। ଲୋକମାନେ ବାରମ୍ବାର ଅଦାଲତକୁ ଆସି ଫେରୁଛନ୍ତି। ଅଦାଲତର କର୍ମଚାରୀମାନେ କେତେବେଳେ କହୁଛନ୍ତି କମିଶନର ନାହାନ୍ତି, ତ କେତେବେଳେ କହୁଛନ୍ତି କମିଶନର ଆସୁନାହାନ୍ତି। ସିଭିଲ କୋର୍ଟ କରିଥିଲେ ପ୍ରାୟ ୧୦ବର୍ଷ ସମୟ ଲାଗିଥାନ୍ତା। ଫଳରେ ଶୀଘ୍ର ଶୁଣାଣି ପାଇଁ କମିଶନର କୋର୍ଟକୁ ଆସି ନିରାଶ ହେଉଛନ୍ତି ୨ ଜିଲାର ଲୋକ।



ବାଲେଶ୍ୱର ଅତିରିକ୍ତ/ଯୁଗ୍ମ କମିଶନରଙ୍କ ଚକବନ୍ଦୀ ଓ ବନ୍ଦୋବସ୍ତ ଅଦାଲତ।

ଏନେଇ ବାର୍ ଆସୋସିଏଶନ ସଭାପତି ମନୋଜ ନାୟକ କହନ୍ତି, ଅତିରିକ୍ତ କମିଶନର ଅଦାଲତରେ ପ୍ରଥମେ କେସ୍‌ର ବିଚାର ହୋଇ ମେରିଟ୍ ଦେଖିବା ପରେ ଆଡ଼ମିଶନ ହୋଇଥାଏ। ତେଣୁ ଆଡ଼ମିଶନ ନ ହୋଇ ହଜାର ହଜାର ମକଦ୍ଦମା ପଡ଼ିରହିଛି। ଫଳରେ ଦୁଇ ଜିଲାର ଏହା ଅଦାଲତ ହୋଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କର୍ମଚାରୀମାନେ ଖାଲିରେ ଦରମା ନେଉଛନ୍ତି। କୋର୍ଟ ଅଚଳ ଅବସ୍ଥାରେ ରହିଛି। ତେଣୁ ଏନେଇ ଆରଡ଼ିସିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ସମାଧାନ ନ ହେଲେ ଆମେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବୁ ବୋଲି କହିଛନ୍ତି। ବାର୍ ଆସୋସିଏସନ୍ ସମ୍ପାଦକ ସମ୍ପିତ ନନ୍ଦୀ କହନ୍ତି, ଦୁଇବର୍ଷ ହେଲା ପଦ ଫାଙ୍କା ପଡ଼ିରହିଛି। ଯେଉଁମାନଙ୍କର ରେକର୍ଡ଼ ଭୁଲରେ ପ୍ରକାଶ ହୋଇଯାଇଛି, ସେଟଲମେଣ୍ଟ ଅଥରିଟି ପାଖରେ ଯେଉଁମାନେ ଡକ୍ୟୁମେଣ୍ଟ ଦେଖାଇ ପାରିନାହାନ୍ତି ଅର୍ଥାତ୍ ଜାଗା କିଣିବା ପରେ ଡକ୍ୟୁମେଣ୍ଟ ଦେଖାଇ ନାହାନ୍ତି ସେପରି କିଛି ରେକର୍ଡ଼ ଠିକ୍ କରିବା ପାଇଁ ଲୋକେ ଅତିରିକ୍ତ କମିଶନରଙ୍କ ଅଦାଲତରେ ଦ୍ୱାରସ୍ଥ ହୋଇଥାନ୍ତି। ଏମିତିକି ଯେଉଁମାନଙ୍କର ଦୀର୍ଘଦିନ ଧରି ନାମଜାରୀ ହୋଇ ନ ଥାଏ ସେମାନେ ମଧ୍ୟ ଉକ୍ତ ଅଦାଲତକୁ ଆସନ୍ତି। କିନ୍ତୁ ଏସବୁ ପାଇଁ ଦୁଇବର୍ଷ ଅଧିକ ହେବ ପଦ ପୂରଣ ହୋଇନି। ୧୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କର କେବଳ ତାରିଖ ଗଡୁଛି ମାତ୍ର କାମ ହୋଇପାରୁନାହିଁ। ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମକଦ୍ଦମା ଫଇସଲା ହୋଇପାରୁନି। ମୋର ନିଜର ମଧ୍ୟ ପ୍ରାୟ ୪୦ ମକଦ୍ଦମା ପଡ଼ିରହିଛି। ବିଚାର କିଏ କରିବେ। ପଦ ପୂରଣ ପାଇଁ ସରକାର ଏବଂ ଆରଡିସିଙ୍କୁ ବାର୍ ଆସୋସିଏଶନ୍ ପକ୍ଷରୁ ଦୁଇଥର ଲିଖିତ ଭାବେ ଜଣାଯାଇଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ହେଲେ ବାଧ ହୋଇ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

## ବେଙ୍ଗାଲୁରୁରେ ଦାଦନ ଶ୍ରମିକ ମୃତ

**କେନ୍ଦୁଝର, ୧୩।୫ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ ଚିପିଣ୍ଡା ଗ୍ରାମର ଗୋକୁଳ ଚନ୍ଦ୍ର ପାତ୍ରଙ୍କର ବେଙ୍ଗାଲୁରୁରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇଥିଲେ। ଗୁରୁବାର ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ବେଙ୍ଗାଲୁରୁସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ମୃତଦେହ ଆଣିପାରି ନାହାନ୍ତି। ମୃତଦେହ ଆଣିବା ବ୍ୟବସ୍ଥା କରିବାକୁ ତାଙ୍କ ଭାଇ ପ୍ରଶାସନ ନିକଟରେ ଲିଖିତ ନିବେଦନ କରିଛନ୍ତି। ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ମୃତଦେହ କେନ୍ଦୁଝର ଆଣିବା ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି।

## ମୋରଡ଼ା ଅବକାରୀ ଅଧିକାରୀ ନିଲମ୍ବିତ

**କାର୍ଯ୍ୟରେ ଅବହେଳା ଯୋଗୁ କାର୍ଯ୍ୟାନୁଷ୍ଠାନ**

**ବାରିପଦା ଅଫିସ/ମୋରଡା, ୧୩।୫ (ଡି.ଏନ.ଏ.)**



ଭରତ କୁମାର ମିଶ୍ର

ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ଅଧିକାରୀ (ଓଆଇସି) ଭରତ କୁମାର ମିଶ୍ରଙ୍କୁ ଗୁରୁବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। କାର୍ଯ୍ୟରେ ଅବହେଳା, ଚୋରା ମଦ ବେପାରୀଙ୍କୁ ଅହେତୁକ ଅନୁକମ୍ପା ଦେଖାଇବା ଓ ଚୋରା ମଦ ଜବତ ନ କରିବା ଭଳି ତାଙ୍କ ନାମରେ ବିଭିନ୍ନ ଅଭିଯୋଗ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ହୋଇଥିଲା। ତଦନ୍ତ ପରେ ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି। ତାଙ୍କୁ କଟକସ୍ଥିତ ମୁଖ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଗରା, ବାଲ୍‌ଟି ରଖି ରାସ୍ତାରେ ମହିଳା



୨୨୦ ନଂ. ଜାତୀୟ ରାଜପଥର ମଲ୍ଲୀପଶି ଛକ ନିକଟରେ ମହିଳାମାନେ ରାସ୍ତାରୋକୋ କରିଛନ୍ତି।

**ପାଟଣା,୧୩।୫(ସ୍ୱ.ପ୍ର.)**

**ପାନୀୟଜଳ ଯୋଗାଣ ବନ୍ଦର ପ୍ରତିବାଦ**

କେନ୍ଦୁଝର ଜିଲା ପାଟଣା ଦେଇ ଯାଇଥିବା ୨୨୦ ନଂ. ଜାତୀୟ ରାଜପଥର ମଲ୍ଲୀପଶି ଛକ ନିକଟରେ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳା ପାନୀୟଜଳ ଯୋଗାଣ ବନ୍ଦର ପ୍ରତିବାଦ ଜଣାଇ ଶୁକ୍ରବାର ଗରା, ବାଲ୍‌ଟି ରଖି ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟପାର୍ଶ୍ୱରେ ଗାଡ଼ିଗୁଡ଼ିକ ଅଟକି ରହିଥିଲା। ଗାଁକୁ ଜଳ ଯୋଗାଣ ସ୍ୱାଭାବିକ କରିବା ସହ ପମ୍ପ ଅପରେଟରଙ୍କୁ କାର୍ଯ୍ୟରୁ ବହିଷ୍କାର ପାଇଁ ମହିଳାମାନେ ଦାବି କରିଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ବେଳେ ସେହି ରାସ୍ତା ଦେଇ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁ ଓ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ ଆନ୍ଦୋଳନ ଯୋଗୁ ଯାଇପାରି ନ ଥିଲେ। ସେମାନେ ଗାଡ଼ିରୁ ଓହ୍ଲାଇ ଆନ୍ଦୋଳନରତ ମହିଳାଙ୍କ ସହ ଆଲୋଚନା କରିଥିଲେ। ସିଦ୍ଧୁ ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ଏ ବାବଦରେ ଅବଗତ କରାଇଥିଲେ। ୭ ଦିନ ମଧ୍ୟରେ ପାଣି ସମସ୍ୟାର ସମାଧାନ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନାଥାଉକି, ମୂଷାଖରୀ ପଞ୍ଚାୟତ ମଲ୍ଲୀପଶି ଗ୍ରାମର ମଝିଦାଣ୍ଡ ସାହି, କୁସୁମୁପଶି ସାହି ଓ ଗୋଡ଼ା ଟାଙ୍ଗର ସାହିକୁ ୧୫ଦିନ ହେବ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ୧୫ ଶହରୁ ଉର୍ଦ୍ଧ୍ୱ ଲୋକ ଜଳକଷ୍ଟ ଭୋଗୁଛନ୍ତି। କମ୍ ଶକ୍ତି ସମ୍ପନ୍ନ ମଟର ଲାଗିଥିବାରୁ ପାଣି ଉଚ୍ଚ ସ୍ଥାନକୁ ଯାଇପାରୁ ନ ଥିବା କୁହାଯାଉଛି।

# ଡିଏସ୍‌ଓ ଛାତ୍ର ସଙ୍ଗଠନର ବିକ୍ଷୋଭ

**ଭୋଗରାଇ, ୧୩।୫(ଡି.ଏନ.ଏ.)**

ନୂତନ ଜାତୀୟ ଶିକ୍ଷାନୀତି-୨୦୨୦କୁ ବାତିଲ୍ କରିବା ଓ ଭୋଗରାଇର ସମସ୍ତ ସ୍କୁଲ କଲେଜରେ ଖାଲି ପଡ଼ିଥିବା ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା-ଅଧ୍ୟାପକମାନଙ୍କୁ ସ୍ଥାନୀୟ ନିଯୁକ୍ତି ଦେବା, ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ଗୈରିକରଣକୁ ବନ୍ଦ କରି ସାର୍ବଜନୀନ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ବୈଜ୍ଞାନିକ ଶିକ୍ଷା ପଦ୍ଧତିକୁ ଚାଲୁ କରିବା ଦାବି ନେଇ ଏଆଇଡିଏସ୍‌ଓ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଶାଖା ପକ୍ଷରୁ ବ୍ଲକ ସମ୍ମୁଖ ଓ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଡିଏସ୍‌ଓ ଛାତ୍ର ସଙ୍ଗଠନ ପକ୍ଷରୁ ଥାନା ଛକଠାରୁ ଏକ ଶୋଭାଯାତ୍ରା ବାହାରି ସରକାରୀ ବିରୋଧୀ ସ୍ଲୋଗାନ ଦେଇ ଗୋଷ୍ଠୀ ଶିକ୍ଷାଧିକାରୀ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଡିଏସ୍‌ଓ ନେତା ହରେକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା କରାଯାଇଥିଲା। ରାଜ୍ୟ ଡିଏସ୍‌ଓ ସଭାପତି ଗଣେଶ ଚନ୍ଦ୍ର ତ୍ରିପାଠୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷାମାରଣ ନୀତିର ତୀବ୍ର ସମାଲୋଚନା କରି ଅବିଳମ୍ବେ ନ୍ୟାୟୋଚିତ ଦାବି ପୂରଣ ନ କଲେ ଶିକ୍ଷକ, ଛାତ୍ର, ଶିକ୍ଷାପ୍ରେମୀ ଓ ବୁଦ୍ଧିଜୀବୀଙ୍କୁ ନେଇ ବୃହତ୍ତର ଆନ୍ଦୋଳନ ହେବ ବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ। ପରେ ଡିଏସ୍‌ଓର ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ନାମଲେଖାରୁ ବଞ୍ଚିତ ହେଲେ ଛାତ୍ରୀଛାତ୍ର

**ଯୋଡ଼ା,୧୩।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଓ ପୌରପାଳିକାରେ ଥିବା ସରକାରୀ ବିଦ୍ୟାଳୟ ଗୁଡ଼ିକରେ ନବମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଏବେ ଅନ୍ଧାରରେ ରହିଥିବା ଦେଖାଦେଇଛି। ଶିଶୁ ସୁରକ୍ଷା ସମିତି ଯୋଡ଼ା ଶାଖାର ଆବାହକ ନିରଞ୍ଜନ ବହିଦାର ଜିଲା ଶିକ୍ଷାଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି ଯେ, କିଛି ଦିନ ପୂର୍ବେ ଯୋଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଅଷ୍ଟମରୁ ନବମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ ବିଦ୍ୟାଳୟ ଗୁଡ଼ିକରେ ନାମ ଲେଖାଇବା ପାଇଁ ସୁଯୋଗ ଦିଆଯାଉ ନାହିଁ। ଯୋଡ଼ା ବ୍ଲକ ଓ ପୌର ପଳିକାରେ ଥିବା ବିଦ୍ୟାଳୟ ଗୁଡ଼ିକରେ ଅଷ୍ଟମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ଯଥେଷ୍ଟ ପରିମାଣରେ କ୍ଲାସ ରୁମ୍, ବେଞ୍ଚ, ଡେସ୍କ ଓ ଶିକ୍ଷକଙ୍କ ଅଭାବ ଆଳ ଦେଖାଇ କିଛି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନାମ ଲେଖା ଯାଉନାହିଁ। ଏହାକୁ ନେଇ ବହିଦାର ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ନବମ ଶ୍ରେଣୀରେ ନାମ ଲେଖାକୁ ନେଇ ଅନୁମତି ଦିଆଯିବ ବୋଲି କହିଥିଲେ। ଯୋଡ଼ା ବ୍ଲକର ମୋଟ ୨୮୬ଜଣ ଓ ପୌରପାଳିକାରୁ ୮୩ଜଣ ନାମ ଲେଖାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏବେ ଯୋଡ଼ା ଅଞ୍ଚଳର ଅଭିଭାବକମାନେ ନିଜ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଆଗାମୀ ଦିନରେ ଯଦି ଏହାର ସମାଧାନ ନ କରାଯାଏ ତେବେ ଛାତ୍ରୀଛାତ୍ରମାନଙ୍କ ପାଠ ପଢ଼ା ସମ୍ପୂର୍ଣ୍ଣ ଠପ ହୋଇଯିବ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଯୋଡ଼ା ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦାଙ୍କୁ ପଚାରିବାରୁ ଯେଉଁ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ନାମ ଲେଖା ପାଇଁ ସୁଯୋଗ ଦିଆଯାଉ ନାହିଁ, ଅଭିଯୋଗ ମିଳିଲେ ଏହାର ସମାଧାନ କରାଯିବ ବୋଲି କହିଛନ୍ତି।

## ସ'ମିଲ୍‌ରେ ଚଢ଼ାଉ



ଜବତ କାଠ।

**ଧାମନଗର, ୧୩।୫ (ସ୍ୱ.ପ୍ର.)**

ଭଦ୍ରକ, ଧାମନଗର ଓ ଚାନ୍ଦବାଲି ବନ୍ୟପ୍ରାଣୀ ବନାଞ୍ଚଳର ଅଧିକାରୀମାନେ ମିଳିତ ଭାବେ ଶୁକ୍ରବାର ଧାମନଗର ଏନ୍‌ଏସି ଅଧୀନ ଚୁନୁପଡ଼ା ଅଞ୍ଚଳରେ ଏକ ବେଆଇନ ସ'ମିଲ୍‌ରେ ଚଢ଼ାଉ କରିଛନ୍ତି। ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ କାଠ ଜବତ କରାଯାଇଛି। ସୂଚନା ଅନୁଯାୟୀ, ବହୁବର୍ଷ ପୂର୍ବରୁ ଧାମନଗର ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନରେ ଥିବା କାଠ ମିଲ୍‌ଗୁଡ଼ିକୁ ସରକାର ବେଆଇନ ଘୋଷଣା କରିବା ସହ ବନ୍ଦ ରଖିବା ସତ୍ତ୍ୱେ ବେଆଇନ ଭାବେ ଚାଲିଥିଲା। ଧାମନଗର ଅତିରିକ୍ତ ତହସିଲଦାର ଅରୂପ ବେହେରାଙ୍କ ସହ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କୁଶ ଚରଣ ସିଂ, ପୁନମ ହୀରା ହାଁସଦା, ସୂର୍ଯ୍ୟକାନ୍ତ ପଣ୍ଡା, ଚାନ୍ଦବାଲି ଓ ଭଦ୍ରକ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁବାସ ରଞ୍ଜନ ନାୟକ, ରଞ୍ଜିତ କୁମାର ମହାନ୍ତି ସଦଳବଳ ଉକ୍ତ କରତକଳରେ ଚଢ଼ାଉ କରିଥିଲେ। ୪୭.୦୪ ସିଫ୍ଟ ଫୁଟିଆ କାଠ, ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଜବତ କରାଯାଇଥିବା ଧାମନଗର ରେଞ୍ଜର ସିଂ କହିଛନ୍ତି।

# ୨୯୫୦ ହେକ୍ଟର ଜମିରେ ହେବ ବୃକ୍ଷରୋପଣ

**ବାରିପଦା ଅଫିସ,୧୩।୫**

**ଉଦ୍ୟାନ କୃଷି ବିଭାଗ ମାଧ୍ୟମରେ ଉପକୃତ ହେବେ ଚାଷୀ**

ମୟୂରଭଞ୍ଜ ଜିଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ମୋଟ ୨ହଜାର ୯୫୦ହେକ୍ଟର ଜମିରେ ଫଳନ୍ତି ବୃକ୍ଷରୋପଣ ଲକ୍ଷ୍ୟ ରହିଛି। ଏହା ଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ଧରଣର ଚାଷୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ବିଭାଗ ସୂଚନା ଦେଇଛି। ଚଳିତ ବର୍ଷ ଜିଲାରେ ସର୍ବାଧିକ ୧୯୬୦ହେକ୍ଟର ଜମିରେ କାଜୁ, ୬୫୦ହେକ୍ଟର ଜମିରେ ଆମ୍ବ, ୫୦ହେକ୍ଟରରେ ଲେମ୍ବୁ, ୨୫ହେକ୍ଟର ଜମିରେ ପିଜୁଳି, ୧୫ହେକ୍ଟର ଜମିରେ ଡାଳିମ୍ବ ଚାରାରୋପଣ ଲକ୍ଷ୍ୟ ରହିଛି। ସେହିପରି ବରକୋଳି, ପଣସ, ଲିଚୁ ଓ ଆତ ଆଦି ବିଭିନ୍ନ ଫଳନ୍ତି ଚାରା ୨୫୦ହେକ୍ଟର ଚାଷ ଜମିରେ ରୋପଣ କରାଯିବା ନେଇ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଯୋଜନାରେ ଚାଷୀମାନେ ନିଜ ଜମିରେ ବୃକ୍ଷରୋପଣ ଦ୍ୱାରା ଜବକାର୍ଡ ମାଧ୍ୟମରେ କର୍ମନିଯୁକ୍ତି ସହିତ ସବୁଦିନିଆ ରୋଜଗାର କରି ଆତ୍ମନିର୍ଭରଶୀଳ ହୋଇପାରିବେ। ଚାଷୀଙ୍କୁ କର୍ମନିଯୁକ୍ତି ସହ ଚାରା, ଖତ, ସାର, ବାଡ଼ ବେଢ଼ିବା ଖର୍ଚ୍ଚ, ଗଭୀର ନଳକୂପ ଓ ପୋଖରୀ ଖନନ ପାଇଁ ସରକାରୀ ସହାୟତା ଯୋଗାଇଦେବା ବ୍ୟବସ୍ଥା ରହିଛି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଚାଷୀ ଓ ଅନ୍ୟ ସ୍ୱଚ୍ଛଳ ବର୍ଗର ଚାଷୀଙ୍କ ପାଇଁ ବିଭାଗ ପକ୍ଷରୁ ଭିନ୍ନଭିନ୍ନ ଯୋଜନା ରହିଛି। ବୃକ୍ଷରୋପଣ ପାଇଁ ଚାଷୀ ନିଜର ଜମି ପଟ୍ଟା ଓ ଜବକାର୍ଡ ସହିତ ବ୍ଲକ କାର୍ଯ୍ୟାଳୟରେ ଥିବା ଉଦ୍ୟାନ କୃଷି ବିଭାଗରେ ଆବେଦନ କରିପାରିବେ। ବିଭାଗୀୟ ଅନୁଧ୍ୟାନ ପରେ ପ୍ରକଳ୍ପ ମନୋନୀତ କରାଯାଇ ବୃକ୍ଷରୋପଣର ୩ବର୍ଷ ପର୍ଯ୍ୟନ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯିବ। ଉକ୍ତ ଜମିରେ ଜାତୀୟ ଉଦ୍ୟାନ କୃଷି ମିଶନ ଜରିଆରେ ସଘନ ବା ମିଶ୍ରିତ ଚାଷ କରିପାରିବେ। ହାଇବ୍ରିଡ୍ ପନିପରିବା ଓ କଦଳୀ ଚାଷ ପାଇଁ ହେକ୍ଟର ପ୍ରତି ସହାୟତା ଯୋଗାଇ ଦିଆଯିବ। ଫଳରେ ମୂଳଚାଷ ସହ ଏପରି ଚାଷ ଉଭୟ ଚାଷଜମି ଓ ଚାଷୀଙ୍କୁ ଉପକୃତ କରାଇପାରିବ ବୋଲି ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ରମାକାନ୍ତ ଗିରି କହିଛନ୍ତି।

# ପରିବହନ କାର୍ଯ୍ୟ ବନ୍ଦ କଲା ଟ୍ରକ୍ ମାଲିକ ସଂଘ

**ଯୋଡା, ୧୩।୫ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ମାଇନିଂ ଏରିଆ ଟ୍ରକ୍ ଓନର୍ସ ଆସୋସିଏସନ (ମାଟୋଆ) ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାରଠାରୁ ଖଣିରୁ ପରିବହନ ବନ୍ଦ ଡାକରା ଦିଆଯାଇଛି। ମାଟୋଆ ଅଧୀନରେ ୧ ହାଜରରୁ ଉର୍ଦ୍ଧ୍ୱ ହାଇୱା, ୩ ହଜାର ଟିପ୍ପର ପଞ୍ଜୀକୃତ ହୋଇଥିବା ବେଳେ ଏହି ବନ୍ଦ ଡାକରାରେ ୪ହଜାରରୁ ଉର୍ଦ୍ଧ୍ୱ ଟ୍ରକ୍ ବିଭିନ୍ନ ଖଣିରୁ ପରିବହନକୁ ପ୍ରତ୍ୟାହାର କରି ନେଇଛନ୍ତି। ଡିଜେଲ ଦର ୯୦ ଟଙ୍କା ଥିବା ବେଳେ ଟନ୍ ପ୍ରତି ଯେଉଁ ପରିବହନ ଦର ଧାର୍ଯ୍ୟ କରାଯାଇଥିଲା ବର୍ତ୍ତମାନ ସମୟରେ ଡିଜେଲ ଦର ଲିଟର ପ୍ରତି ୧୦୫ ଟଙ୍କାରେ ସେହି ଦର ଅପରିବର୍ତ୍ତିତ ରହିଛି। ତେଣୁ ବାରମ୍ବାର ଟିପ୍ପର ମାଲିକ ସଂଘ ପକ୍ଷରୁ ଖଣି ଭଡ଼ା ବୃଦ୍ଧି କରିବାକୁ ଦାବି କରାଯାଉଥିଲେ ମଧ୍ୟ ଖଣି ମାଲିକମାନେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ସେହିପରି ଠିକ୍ ସମୟରେ ପରିବହନ ପ୍ରାପ୍ୟ ପ୍ରଦାନ କରାଯାଉ ନ ଥିବାରୁ ଟିପ୍ପର ମାଲିକମାନେ ବିଭିନ୍ନ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏପରିସ୍ଥଳେ କେତେକ ଖଣି ମାଲିକ ବାହାର ରାଜ୍ୟର ଟିପ୍ପର ଆଣି ନିଜର ପରିବହନ କାର୍ଯ୍ୟ ଚଳାଇଆସୁଥିବା ବେଳେ ଯୋଡ଼ା ଟିପ୍ପର ମାଲିକମାନେ କାମଧନ୍ଦା ନ ପାଇ ମୁଣ୍ଡରେ ହାତଦେଇ ବସିଛନ୍ତି। ଡିଜେଲ ଦର ବୃଦ୍ଧି ସାଙ୍ଗକୁ ଟିପ୍ପର ଯନ୍ତ୍ରାଂଶ, ଟାୟାର ଭଳି ଆନୁସଙ୍ଗିକ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ପରିବହନ ଭଡ଼ା ବୃଦ୍ଧି କରାଯାଉନାହିଁ। ଖଣି ମାଲିକମାନେ ବାହାର ରାଜ୍ୟର ଟ୍ରକ୍ ନିୟୋଜିତ କରି ସେମାନଙ୍କ ଖଣିରୁ ପରିବହନ ଜାରି ରଖିଲେ ସଂଘ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯିବ ବୋଲି ସଂଘର ସଭାପତି ଓ ସମ୍ପାଦକ ଚେତାବନୀ ଦେଇଛନ୍ତି। ଏହି ସମସ୍ୟାର ସମାଧାନ ନ ହେବା ଯାଏ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଟିପ୍ପର ଚଳାଚଳ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ବାଲିପୋଖରୀ, କଣ୍ଟି ଏସ୍‌କେପକୁ ବନ୍ଦ କରାଯାଉ

**ଭଣ୍ଡାରିପୋଖରୀ, ୧୩।୫**



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବନ୍ୟା ବିପର୍ଯ୍ୟୟ ସୁରକ୍ଷା କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।

**ବନ୍ୟା ବିପର୍ଯ୍ୟୟ ସୁରକ୍ଷା କମିଟିର ଦାବି**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସ୍ଥିତ ବୈତରଣୀ ନଦୀର ବାଲିପୋଖରୀ ଏସ୍‌କେପର ଉନ୍ନତି କାର୍ଯ୍ୟକୁ ବନ୍ୟା ବିପର୍ଯ୍ୟୟ ସୁରକ୍ଷା କମିଟି ପକ୍ଷରୁ ବିରୋଧ କରାଯାଇଛି। ୨୦୧୯ରେ ଉଚ୍ଚସ୍ତରୀୟ ବୈଷୟିକ କମିଟି ରିପୋର୍ଟ ଅନୁଯାୟୀ ବାଲିପୋଖରୀ ଏସ୍‌କେପ୍ ପାଇଁ ଡକାଯାଇଥିବା ଟେଣ୍ଡରକୁ ବାତିଲ କରାଯାଇ ୨୦୨୨ରୁ ଭୌଗଳିକ ସ୍ଥିତିକୁ ଧ୍ୟାନ ଦେଇ ବାଲିପୋଖରୀ ଓ କଣ୍ଟି ଏସ୍‌କେପ ବନ୍ଦ କରାଯାଉ ବୋଲି ଶୁକ୍ରବାର ଆଖୁଆପଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆହୁତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସଙ୍କ ସମେତ ବନ୍ୟା ବିପର୍ଯ୍ୟୟ ସୁରକ୍ଷା କମିଟି କର୍ମକର୍ତ୍ତା ଦାବି କରିଛନ୍ତି। ସେହିପରି ବୈତରଣୀ ବାମପାର୍ଶ୍ୱ ନଦୀବନ୍ଧକୁ କ୍ୟାପିଟାଲ ଏମ୍ବାକମେଣ୍ଟର ମାନ୍ୟତା ସହ କାର୍ଯ୍ୟକାରୀ କରାଯିବାକୁ ଦାବି କରିଥିଲେ ସ୍ଥାନୀୟ ସରପଞ୍ଚ ତଥା କମିଟି ସଭାପତି ଅକ୍ଷୟ ତ୍ରିପାଠୀ। ଅନ୍ୟପକ୍ଷେ ଶାସକ ଦଳର ନେତାମାନେ ନିଜ ଅଞ୍ଚଳର ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ନୀରବ ରହିଛନ୍ତି ବୋଲି କମିଟିକୁ ସମର୍ଥନ ଦେଉଥିବା ଜିଲା କଂଗ୍ରେସ ସଭାପତି ଦାସ କହିଛନ୍ତି।

ଜଗନ୍ନାଥପ୍ରସାଦ ବାଲି ସଇରାତ ବାହାରୁ ବେଆଇନ ବାଲି ଉତ୍ତୋଳନ ବନ୍ଦ ସହ ଉତ୍ତୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ୧୫ ଦିନ ମଧ୍ୟରେ ଦାବିଗୁଡ଼ିକ ପୂରଣ କରା ନ ଗଲେ କମିଟି ପକ୍ଷରୁ ଜନଆନ୍ଦୋଳନ କରାଯିବା ସହ ଆଖୁଆପଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଦାବିପତ୍ରର ନକଲ ମୁଖ୍ୟ ଶାସନ ସଚିବ, ସମ୍ପାଦକ, ଜଳସମ୍ପଦ ବିଭାଗ, ମୁଖ୍ୟ ନିର୍ବାହୀ ଯନ୍ତ୍ରୀ, ସେଚ ସଦନ, ଆଖୁଆପଦା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ, ଯାଜପୁରର ନିର୍ବାହୀ ଯନ୍ତ୍ରୀ, ଜିଲାପାଳ, ଏସ୍‌ପି, ତହସିଲଦାର ପ୍ରମୁଖଙ୍କ ଅବଗତି ନିମନ୍ତେ ପଠାଯାଇଛି। ବ୍ଲକ କଂଗ୍ରେସ ସଭାପତି ରଜନୀ ଚାନ୍ଦ, ନାରାୟଣ ଚନ୍ଦ୍ର ଘଡ଼ାଇ, ବିଜୟ ଶଙ୍କର ମହାନ୍ତି, ସଂଯୋଜକ ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଭାଗୀୟ ସହ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା କହିଛନ୍ତି, ପୂର୍ବରୁ ବୈଷୟିକ କମିଟି ପକ୍ଷରୁ ହୋଇଥିବା ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ କନଷ୍ଟେବଲ ଗୁରୁତର

**ସୋର, ୧୩।୫(ଡି.ଏନ୍.ଏ.):** ସୋର ଥାନା ଅଧୀନ ଜାତୀୟ ରାଜପଥ ମାଟିଆପହ୍ଲା ଛକ ନିକଟରେ ଶୁକ୍ରବାର ଅପରାହ୍ଣରେ ସୋର ଥାନାରେ କାର୍ଯ୍ୟରତ କନଷ୍ଟେବଲ ସୁଶାନ୍ତ କୁମାର ମହାନ୍ତି ବାଇକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି। ମହାନ୍ତି ଥାନାରେ କୌଣସି କାର୍ଯ୍ୟ ପାଇଁ କଲେଜଛକକୁ ବାଇକ୍ ଯୋଗେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ସହିତ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସୋର ଥାନା ଗାଡ଼ିରେ ଡାକ୍ତରଖାନାକୁ ନେବା ପରେ ତାଙ୍କର ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ବାଲେଶ୍ୱର ଏବଂ ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଖବର ମିଳିଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ସୂଚନା ମିଳିଛି।

### କରତକଳ ଉପରେ ଚଢ଼ାଉ



**ସିମୁଳିଆ, ୧୩।୫(ଡି.ଏନ.ଏ.):** ଜିଲା ବନ୍ୟ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଶୁକ୍ରବାର ମଇତାପୁର ହାଟରେ ଥିବା କରତକଳ ଉପରେ ଚଢ଼ାଉ କରାଯାଇଥିଲା। ସିମୁଳିଆ ପୋଲିସ ସହାୟତାରେ ଔପଦା ରେଞ୍ଜର ବବିତା ସରେନ, ଫରେଷ୍ଟର କିଶୋର ଚନ୍ଦ୍ର ଭୂୟାଁ, କୁଲଡିହା ରେଞ୍ଜର କର୍ମଚାରୀ ସୌମ୍ୟରଞ୍ଜନ ମାଝି ପ୍ରମୁଖ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସମେତ ଲିମ୍ବ, ଆମ୍ବ, ଶାଗୁଆନ ଆଦି କାଠ ଜବତ କରି ନେଇଯାଇଥିଲେ। ତେବେ ଚଢ଼ାଉ ପୂର୍ବରୁ ପ୍ରତ୍ୟେକ ଥର ପରି କରତକଳ କର୍ମଚାରୀମାନେ ପୂର୍ବରୁ ଫେରାର ରହିବା ଘଟଣା ଚୋର ପୋଲିସ ମଧ୍ୟରେ ଲୁଚକାଳି ଖେଳ ଚାଲିବା ସମ୍ପର୍କରେ ଚର୍ଚ୍ଚା ହେଉଛି।

### ଶିବ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା

**କେନ୍ଦୁଝର, ୧୩।୫(ଡି.ଏନ.ଏ.):** କେନ୍ଦୁଝର ସହରସ୍ଥିତ ରାସ ପୂଜା ପଡ଼ିଆରେ ନବ ନିର୍ମିତ ଶିବ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୁରୀରୁ ଆସିଥିବା ବେଦଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ରୀତି ନୀତି ସୂଚାରୁ ରୂପେ ସମ୍ପାଦନ କରାଯାଇଥିଲା। କେନ୍ଦୁଝର ସହରର ମୁଖ୍ୟ ସ୍ଥଳରେ ଏହି ଶୈବପୀଠ ସ୍ଥାପନ ଉତ୍ସବ ଦେଖିବା ପାଇଁ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ଘଣ୍ଟ ଓ ଶଙ୍ଖ ଧ୍ୱନୀରେ ଶ୍ରଦ୍ଧାଳୁ ଓ କଳସଧାରୀ ମହିଳାମାନଙ୍କ ସମେତ କାର୍ଯ୍ୟକ୍ରମର କର୍ତ୍ତା ଆଡ୍‌ଭୋକେଟ ରୁଦ୍ର ନାରାୟଣ ମହାନ୍ତ ଯଜ୍ଞକୁଣ୍ଡ ପରିକ୍ରମା କରିଥିଲେ। ଦୀର୍ଘ ୪ଦିନ ଧରି ଅନୁଷ୍ଠାନ ପକ୍ଷରୁ ସାମୁହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ପଣ୍ଡା, ବରିଷ୍ଠ ଆଡ୍‌ଭୋକେଟ ଗୋପାଳକୃଷ୍ଣ ପରିଡ଼ା, ରୁଦ୍ରନାରାୟଣ ମହାନ୍ତ, ନିମାଇଁ ମହାପାତ୍ର ଏବଂ ଗୌରାଙ୍ଗ ମିଶ୍ରଙ୍କ ମାର୍ଗ ଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ହରିଶ ଦାଶ, ମାନସ ସାହୁ, ସଦାଶିବ ସାହୁ, ଦେବେନ୍ଦ୍ର ସାହୁ, ନବଘନ ନାୟକ, ବିଶ୍ୱନାଥ ଦାଶ, ଛବିନ୍ଦ୍ର ସାହୁ ଏବଂ ସରୋଜ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

### ଜମୁଛି ଭୋଗରାଇ ଉତ୍ସବ

**ଭୋଗରାଇ, ୧୩।୫(ଡି.ଏନ.ଏ.):** ନୃତ୍ୟ, ସଙ୍ଗୀତ, ମୀନାବଜାରର ଆକର୍ଷଣୀୟ ବିପଣୀ, ବୈଦ୍ୟୁତିକ ରଙ୍ଗୀନ ସାଜସଜ୍ଜା, ନଗରଦୋଳା, ବିଭିନ୍ନ ପସନ୍ଦର ରୁଚିକର ସୁସ୍ୱାଦୁ ଖାଦ୍ୟ ସାଙ୍ଗକୁ ପ୍ରତ୍ୟେକ ସନ୍ଧ୍ୟାରେ କୁନି କଳାକାରଙ୍କ ପ୍ରତିଭା ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣ କରି ଗଢ଼ିତୋଳିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଥାନାଛକ ହେଲିପ୍ୟାଡ଼ ପଡ଼ିଆ। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ପ୍ରତିକୂଳ ପାଗ ସତ୍ତ୍ୱେ ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟୁଛି। ପ୍ରତିଦିନ ଅପରାହ୍ଣରେ ଆୟୋଜିତ ହେଉଥିବା ଛାତ୍ର-ଯୁବକଙ୍କ ଚିତ୍ତାକର୍ଷକ ଭଲିବଲ ପ୍ରତିଯୋଗିତା, ସନ୍ଧ୍ୟାରେ ସାହିତ୍ୟିକ, ଗବେଷକ, କଳାକାର, କବି, ରାଜନେତାଙ୍କ ସାଂସ୍କୃତିକ ମଞ୍ଚରେ ଯୋଗଦାନ ଉତ୍ସବକୁ କରିଛି ଶାନ୍ତି, ମୈତ୍ରୀ ଓ ପ୍ରଗତିର ବନ୍ଧନ। ଅପରପକ୍ଷରେ ଓଡ଼ିଶାର ବିଭିନ୍ନ ଜିଲାରୁ ଆଗତ ସୁନ୍ଦରୀମାନଙ୍କ ବିଭିନ୍ନ ଢ଼ଙ୍ଗରେ ନୃତ୍ୟ ପ୍ରଦର୍ଶନ ମେଲୋଡ଼ିରେ ପ୍ରସିଦ୍ଧ କଣ୍ଠଶିଳ୍ପୀଙ୍କ ସୁଲଳିତ ମଧୁର ସଙ୍ଗୀତ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ବିମୁଗ୍ଧ କରୁଛି। ଏଥିସହିତ ଓଡ଼ିଶା ଭାଷା ସାହିତ୍ୟ ଓ ସାଂସ୍କୃତିକ ବିଭାଗ ପକ୍ଷରୁ ବିଶ୍ୱ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଛି।

# ଖୋଜା ଚାଲିଛି କାରଣ

## ୨୬୩ ଛାତ୍ରୀଛାତ୍ର ଦେଲେନି ମାଟ୍ରିକ ପରୀକ୍ଷା

**ବାଙ୍ଗିରିପୋଷି, ୧୩।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ୮ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୬୩ ଛାତ୍ରୀଛାତ୍ର ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ନ ଦେବା ଚର୍ଚ୍ଚାର ବିଷୟ ହୋଇଛି। ୧୮୦୭ଜଣ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିବା ବେଳେ କେଉଁ କାରଣରୁ ଏତେ ସଂଖ୍ୟକ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଲେ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶିକ୍ଷା ବିଭାଗ ପକ୍ଷରୁ ଏହାର କାରଣ ଖୋଜା ଚାଲିଥିବା ବେଳେ ତଦନ୍ତ ପାଇଁ ଦାବି ହେଉଛି। ବାଙ୍ଗିରିପୋଷି ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩୦, ଗୌରୀଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୭, ଦ୍ୱାରଶୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩୧, ନେତ୍ରାପାଟ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩୨, କୁସୁମବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩୧, ବଣକାଟୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୯, ମା' ବାସନ୍ତୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ଧୋବଣିଶୋଳ ପରୀକ୍ଷା କେନ୍ଦ୍ରରେ ୫୪ ଓ ଜଗନ୍ନାଥ ଖୁଣ୍ଟା ଉଚ୍ଚ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ୨୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସୂଚନା ମିଳିଛି।

ଏ ସଂକ୍ରାନ୍ତରେ ଏକ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ କରୋନା ସମୟରେ ସ୍କୁଲ ବନ୍ଦ ହେବା କାରଣରୁ ଅନେକ ଛାତ୍ର ବାହାରକୁ ଦାଦନ ଖଟିବାକୁ ପଳାଇଛନ୍ତି। ତେଣୁ ସେମାନେ ଆଉ ସ୍କୁଲ ଆସୁ ନାହାଁନ୍ତି ବୋଲି କହିଛନ୍ତି। ଯଦି ସେମାନେ ସ୍କୁଲ ଆସୁ ନ ଥିଲେ ତେବେ ତାଙ୍କର ଫର୍ମ ପୂରଣ କଲା କିଏ। ପ୍ରଥମ ସମେଟିଭ୍ ପରୀକ୍ଷା ପରେ ଯାଇ ଦ୍ୱିତୀୟ ସମେଟିଭ ପରୀକ୍ଷା ପାଇଁ ଫର୍ମ ପୂରଣ କରାଯାଇଥିଲା। ତେଣୁ ପ୍ରଥମ ସମେଟିଭ ପରୀକ୍ଷା ଦେଇଥିଲା କିଏ। ଏହା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଅନେକ ଛାତ୍ରୀଛାତ୍ର ବାହାରକୁ କାମ କରିବାକୁ ପଳାଇଥିବା ଓ କରୋନା ସମୟରେ କିଛି ଛାତ୍ରୀ ବିବାହ ବନ୍ଧନରେ ବାନ୍ଧି ହୋଇଥିବା ନଜରକୁ ଆସିଛି। ସରକାରୀ ଅନୁଦାନ ହାତେଇବା ଲକ୍ଷ୍ୟରେ କିଛି ସ୍କୁଲ କର୍ତ୍ତୃପକ୍ଷ ପାଠପଢ଼ା ଛାଡ଼ି ଘରେ ରହୁଥିବା ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣ କରିଥିବା ଆଲୋଚନା ହେଉଛି।

# ବିଦ୍ୟାଳୟରେ ୫-ଟି କାର୍ଯ୍ୟରେ ମନ୍ଥରତା

**ଆରଡ଼ି, ୧୩।୫ (ଡି.ଏନ.ଏ.)**



ଜିଲାପାଳ ତ୍ରିଲୋଚନ ମାଝି ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ ଦେଖୁଛନ୍ତି।

- ଅସନ୍ତୋଷ ପ୍ରକାଶ କଲେ ଜିଲାପାଳ
- ୭ ଦିନ ମଧ୍ୟରେ ଅଗ୍ରଗତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆଖଣ୍ଡଳମଣି ଓ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୫-ଟି କାର୍ଯ୍ୟରେ ମନ୍ଥରତା ନେଇ ଜିଲାପାଳ ତ୍ରିଲୋଚନ ମାଝି ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲାପାଳ ଗୁରୁବାର ଅଚାନକ ଦୁଇ ବିଦ୍ୟାଳୟକୁ ଯାଇ କାର୍ଯ୍ୟର ତଦାରଖ କରିଥିଲେ। ଏହି ଦୁଇ ବିଦ୍ୟାଳୟରେ କାମ ପଛରେ ପଡ଼ିଥିବା ସେ ଉପଲବ୍ଧି କରିଥିଲେ। ଦାୟିତ୍ୱରେ ଥିବା ୨ କନିଷ୍ଠ ଯନ୍ତ୍ରୀଙ୍କୁ କାମର ମନ୍ଥରତା ନେଇ ପ୍ରଶ୍ନ କରିଥିଲେ ଜିଲାପାଳ। ସନ୍ତୋଷଜନକ ଉତ୍ତର ନ ପାଇବାରୁ ୭ ଦିନ ମଧ୍ୟରେ କାର୍ଯ୍ୟର ଅଗ୍ରଗତି ରିପୋର୍ଟ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସିଭିଲ କାମ କରୁଥିବା ଠିକାଦାର ରନିଙ୍ଗ୍ ବିଲ୍ ପାଇ ନ ଥିବାରୁ କାମରେ ବିଳମ୍ବ ହେଉଥିବା କନିଷ୍ଠ ଯନ୍ତ୍ରୀ କହିଥିଲେ ବି ଜିଲାପାଳ ସେମାନଙ୍କ କଥାକୁ କର୍ଣ୍ଣପାତ କରି ନ ଥିଲେ।

ପ୍ରକାଶ ଯେ, ୫-ଟି ଅଧୀନ ବିଦ୍ୟାଳୟକୁ ୪୫ ଟଙ୍କାର ଅର୍ଥରାଶି ଯୋଗାଇ ଦିଆଯାଇଛି। ଏହି ଅର୍ଥରାଶି ମୋ ସ୍କୁଲ ଅଭିଯାନ ସଭାପତି ଓ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଯୁଗ୍ମ ପାଶ୍‌ବୁକକୁ ପଠାଯାଇଛି। ସେମାନେ ପାଶ୍‌ବୁକରୁ ୩୮ ଲକ୍ଷ ଟଙ୍କା ବିଡିଓଙ୍କ ନିକଟକୁ ପଠାଇ ଦେଇଛନ୍ତି। ବିଡିଓ ଠିକାଦାରଙ୍କ କାର୍ଯ୍ୟ ଦେଖି ରନିଙ୍ଗ୍ ବିଲ୍ କରିବା କଥା। ଅଦ୍ୟାବଧି ଠିକାଦାରଙ୍କୁ ଅର୍ଥରାଶି ପ୍ରଦାନ କରାଯାଇ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା କୁହାଯାଉଛି। ଏ ସମ୍ପର୍କରେ ବିଡିଓ ଜ୍ୟୋତି ବିକାଶ ଦାଶ କହିଛନ୍ତି, ନିର୍ମାଣାଧୀନ କାର୍ଯ୍ୟର ଗୁରୁତ୍ୱ ଉପଲବ୍ଧି କରି ଠିକାଦାରଙ୍କୁ ରନିଙ୍ଗ୍ ବିଲ୍ ପ୍ରଦାନ କରାଯାଏ। ୫-ଟି କାର୍ଯ୍ୟ ଚାଲୁଥିବା ସ୍କୁଲରେ ପ୍ରାୟତଃ ଶେଷରେ ଠିକାଦାରଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯାଏ। ପରିଦର୍ଶନ ସମୟରେ ଜିଲାପାଳଙ୍କ ସହ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଆସିଷ୍ଟାଣ୍ଟ ଇଞ୍ଜିନିୟର ମୃତ୍ୟୁଞ୍ଜୟ ତରାଇ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଣୟ ନାୟକ ଉପସ୍ଥିତ ଥିଲେ।

## 'ଭାଇଙ୍କୁ ବିଷ ପିଆଇ ହତ୍ୟା କରାଯାଇଛି'

### ଅଭିଯୋଗ ଆଣିଲେ ଭଉଣୀ

**ବାହାନଗା, ୧୩।୫(ଡି.ଏନ.ଏ.)**

ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ୧୧ନମ୍ବର ୱାର୍ଡର ଜଣେ ଯୁବକ ଗତ ୭ ତାରିଖରେ କୀଟନାଶକ ପିଇ ଜୀବନ ହାରିବା ଘଟଣା ଭିନ୍ନ ମୋଡ ନେଇଛି। ଯୁବକଙ୍କୁ ଜବରଦସ୍ତ ବିଷ ପିଆଇ ହତ୍ୟା କରାଯାଇଥିବା ନେଇ ସଦର ଥାନାରେ ମୃତ ଯୁବକଙ୍କ ଭଉଣୀ ଅଭିଯୋଗ କରିଛନ୍ତି। ବାହାନଗା ବ୍ଲକ ଖରାସାହାପୁର ଗ୍ରାମର ଇନ୍ଦୁଭୂଷଣ ମହାଲିକ ଗତ ୨ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ପରେ ଇନ୍ଦୁଭୂଷଣ ନିଜର ସ୍ତ୍ରୀଙ୍କ ସହ ବାଲେଶ୍ୱରରେ ଏକ ଭଡାଘରେ ରହୁଥିଲେ। ତେବେ ଇନ୍ଦୁଭୂଷଣ ବିଷ ପିଇବା ପରେ ଭାଙ୍କ ସ୍ତ୍ରୀ କିମ୍ବା ଶାଶୁ ଏ ସମ୍ପର୍କରେ ଖବର ଦେଇ ନ ଥିବା ଭଉଣୀ ସୁଚିସ୍ମିତା ମହାଲିକ ଅଭିଯୋଗ କରିଛନ୍ତି। ସଦର ଥାନା ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି।

## ସରପଞ୍ଚ ସମ୍ପର୍କୀୟଙ୍କ ଦାଦାଗିରି

**ପାଟଣା, ୧୩।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଅଧୀନ ଏକ ପଞ୍ଚାୟତର ନବ ନିର୍ବାଚିତ ମହିଳା ସରପଞ୍ଚଙ୍କ କ୍ଷମତାକୁ ତାଙ୍କ ସମ୍ପର୍କୀୟ ଦୁରୁପଯୋଗ କରିବା ଚର୍ଚ୍ଚାର ବିଷୟ ହୋଇଛି। ସରପଞ୍ଚଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍‌ରେ ବସି ତାଙ୍କ ଦିଅର ସଭାକାର୍ଯ୍ୟ ପରିଚାଳନା କରୁଥିବା ଦେଖିବାକୁ ମିଳିଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ଲୋକେ ଏହି ଘଟଣାର ନିନ୍ଦା କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଏହି ବ୍ଲକ ଅଧୀନ ଅନ୍ୟ ଏକ ପଞ୍ଚାୟତରେ ଜଣେ ଯୋଗାଣ ବିଭାଗ କର୍ମଚାରୀ ପିଡିଏସ୍ ସାମଗ୍ରୀ ବଣ୍ଟନ କରୁଥିବା ବେଳେ ସେଠାକାର ସରପଞ୍ଚଙ୍କ ଦିଅର ତାଙ୍କୁ ମାଡ଼ ମାରିବା ସହ ଆଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ତୁରୁମୁଙ୍ଗା ଥାନା ଓ ସାହାରପଡ଼ା ବିଡ଼ିଓଙ୍କ ନିକଟରେ ଅଭିଯୋଗ ହୋଇଛି।

## ଅଙ୍ଗନୱାଡ଼ି କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ

**ବାଲେଶ୍ୱର ଅଫିସ, ୧୩।୫**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଦହପଡ଼ା ପଞ୍ଚାୟତର ରୁଦ୍ରଗୋପାଳପୁର ଗ୍ରାମରେ ୮ଲକ୍ଷ ୨୦ହଜାର ଟଙ୍କାର ପ୍ରକଳ୍ପ ଅଟକଳରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଶୁଭ ଦେଇଥିଲେ। ଜିଲାପରିଷଦ ସଦସ୍ୟା କବିତା ପାଣି, ଦହପଡ଼ା ସରପଞ୍ଚ ପ୍ରଣତି ଜେନା, ସମିତିସଭ୍ୟ ରବିନ କୁମାର ପ୍ରଧାନ, ନାଏବ ସରପଞ୍ଚ ନିବେଦିତା ଦାସ, ଦହପଡ଼ା ପଞ୍ଚାୟତ ବିଜେଡି ସଭାପତି ସୁଦର୍ଶନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ଶହ ରୋଗୀଙ୍କ ଚିକିତ୍ସା



ଶିବିରରେ ଜିଲାପାଳ ତ୍ରିଲୋଚନ ମାଝି, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

**ବାସୁଦେବପୁର, ୧୩।୫ (ଡି.ଏନ.ଏ.)**

ଆଜାଦୀ କା ଅମୃତ ମହୋତ୍ସବ ବର୍ଷ ଅବସରରେ ଭଦ୍ରକ ଲୋକସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବାସୁଦେବପୁର ପୌରପାଳିକାର ଅଟଳ ବିହାରୀ ହାଇସ୍କୁଲ ପରିସରରେ ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଶୁକ୍ରବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଛି। ଏମ୍‌ପି ମଞ୍ଜୁଳତା ମଣ୍ଡଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏବଂ ଅନ୍ୟତମ ଅତିଥି ଭାବେ ଜିଲାପାଳ ତ୍ରିଲୋଚନ ମାଝି, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌରାଧ୍ୟକ୍ଷା ନିବେଦିତା ବେହେରା, ଏମ୍‌ପି ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକ ପ୍ରତିନିଧି ଅସିତ ଦାସ, ସିଡିଏମ୍‌ଓ ଡା. ସନ୍ତୋଷ ପାତ୍ର, ତହସିଲଦାର ଅନୀତା ନାୟକ, ବିଡିଓ ସତ୍ୟଜିତ ରାଉତ, ସାମାଜିକ କର୍ମୀ ଶୁଭେନ୍ଦୁ ଭୂଷଣ ବେହେରା, ଜିଲା ପରିଷଦ ସଭ୍ୟା ଜୟନ୍ତୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଡା. ସୁଶାନ୍ତ କୁମାର ସାମନ୍ତ ମଞ୍ଚ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟମେଳାରେ ୧୫ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା ସହ ଔଷଧ ବଣ୍ଟନ କରାଯାଇଥିଲା। ଏହି ଅବସରରେ ସତ୍ୟଭାମା ବଳ, ସଞ୍ଜୁଲତା ସାମଲ, ମିନତି ପଣ୍ଡା, ପ୍ରୀତିରଞ୍ଜନ ଜେନା, ବନବସିନୀ ରାଉଳ, ଶୁଭ୍ରାଂଶୁ ପଣ୍ଡା, ରମାକାନ୍ତ ଦାଶ, ମାନସ ଦାସ ପ୍ରମୁଖ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ବାସୁଦେବପୁରରେ ୩ମାସ ମଧ୍ୟରେ ବ୍ୟବଚ୍ଛେଦ ଗୃହ ନିର୍ମାଣ କରିବାକୁ ସଭାରେ ପ୍ରତିଶ୍ରୁତି ଦିଆଯିବା ସହ ବିଧାୟକ ପାଣ୍ଠିରୁ ୬୦ଲକ୍ଷ ଟଙ୍କା ବ୍ୟୟରେ ୨ ସପ୍ତାହ ମଧ୍ୟରେ ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୩୨ ୟୁନିଟ୍ - ରକ୍ତ ସଂଗୃହୀତ ହୋଇଥିଲା।

# ରାଜନେତା ରାଜେନ୍ଦ୍ରଙ୍କ ପରଲୋକ

**ଖଇରା, ୧୩।୫(ଡି.ଏନ.ଏ.)**



ରାଜେନ୍ଦ୍ର ପ୍ରସାଦ ଜେନା।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଞ୍ଚଳର ଜଣାଶୁଣା ରାଜନେତା ରାଜେନ୍ଦ୍ର ପ୍ରସାଦ ଜେନା(୫୫) ବୁଧବାର ରାତିରେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଗରସଙ୍ଗ ଗ୍ରାମର ରାଜେନ୍ଦ୍ର ୧୯୯୭ରେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀଙ୍କ ହାତ ଧରି ରାଜନୈତିକ ମଇଦାନକୁ ଓହ୍ଲାଇଥିଲେ। ପ୍ରଥମ କରି ୧୯୯୭ରେ ସେହି ପଞ୍ଚାୟତରେ ସରପଞ୍ଚ ଭାବେ ବିଜୟୀ ହୋଇଥିଲେ। ୧୯୯୭ରୁ ୨୦୨୨ପର୍ଯ୍ୟନ୍ତ ସେ ୨ଥର ସରପଞ୍ଚ ,୨ ଥର ସମିତିସଭ୍ୟ ଓ ଥରେ ଜିଲା ପରିଷଦ ସଭ୍ୟ ଭାବେ ବିଜୟୀ ହୋଇଥିଲେ। ଏହାଛଡା ଗର୍ସଙ୍ଗସ୍ଥିତ ଜମ୍ମେଶ୍ୱର ମହାବିଦ୍ୟାଳୟର ପରିଚାଳନା ବୋର୍ଡ ସଭାପତି, ଜିଲା କଂଗ୍ରେସ କମିଟି ଉପସଭାପତି ଦାୟିତ୍ୱରେ ରହି ବିଶ୍ୱାସଭାଜନ ହୋଇ ପାରିଥିଲେ। ଗୁରୁବାର ତାଙ୍କ ମରଶରୀର ଏକ ଶୋଭାଯାତ୍ରାରେ ଜମ୍ମେଶ୍ୱର କଲେଜ ଓ ଗର୍ସଙ୍ଗ ବଜାର ପରିକ୍ରମା କରିଥିଲା। ବିଜେଡି ନେତା ଶଶୀ କୁମାର ସାହୁ, ଯୁବନେତା ନୀଳମାଧବ ପଣ୍ଡା, ବର୍ଷିଆନ ରାଜନେତା ଶରତ ଦାସ ଓ ବିଷ୍ଣୁପଦ ଘଡେଇ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର କୁମାର ଦାସ, ଭାଜପା ମଣ୍ଡଳ ସଭାପତି ପରୀକ୍ଷିତ ମହାପାତ୍ର, କଂଗ୍ରେସ ନେତ୍ରୀ ମଧୁମିତା ସେଠୀ, କୈଳାସ ମାଝି, ବନମାଳୀ ବିଶ୍ୱାଳ, କୈଳାସ ବାରିକ, ସୁଶାନ୍ତ ମହାକୁଡ, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଓ ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି, ବିଭିନ୍ନ ଦଳର କର୍ମୀ ତାଙ୍କର ଶେଷଦର୍ଶନ କରିଥିଲେ।

# ଇନ୍‌ଡୋର ଷ୍ଟାଡିୟମ୍‌ର ଲେଆଉଟ୍ ଆରମ୍ଭ

## ବର୍ଷକରେ ଶେଷ ହେବ କାର୍ଯ୍ୟ

**ଜଳେଶ୍ୱର, ୧୩।୫ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱରଠାରେ ନିର୍ମାଣ ହେବାକୁ ଥିବା ବିଜୁ ପଟ୍ଟନାୟକ ମଲ୍ଟିପର୍ପସ ଇନଡୋର ଷ୍ଟାଡିୟମର କାର୍ଯ୍ୟ ଶୁକ୍ରବାର ଜଳେଶ୍ୱର ହାଇସ୍କୁଲ ପଡିଆରେ ଆରମ୍ଭ ହୋଇଛି । ଫଳରେ ବିବାଦୀୟ ହୋଇପଡିଥିବା ଏହି ପ୍ରକଳ୍ପ ନିର୍ମାଣ ଆରମ୍ଭ ହେବ ବୋଲି ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ସବୁଜ ସଂକେତ ଦେଇଛନ୍ତି। ସମଗ୍ର ଉତ୍ତର ଓଡିଶାରେ ଖେଳୁଆଡ ମନୋଭାବ ସୃଷ୍ଟି କରି ଖେଳାଳିଙ୍କୁ ପ୍ରୋତ୍ସାହନ ଦେବା ଲାଗି ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଆବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ କରି ପ୍ରାୟ ୧୦କୋଟି ମଞ୍ଜୁର କରିଥିବା ଜଣାଯାଇଛି । ଏହି ପ୍ରକଳ୍ପ ଜଳେଶ୍ୱର ପୌରପାଳିକାର ଶାନ୍ତିଆଠାରେ ହେବାର ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ନିର୍ମାଣ ସ୍ଥାନକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ବିଧାୟକ ପାତ୍ର ଓ ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନଙ୍କ ଅନୁରୋଧକ୍ରମେ ଫଳରେ ଜିଲାପାଳ ପ୍ରକଳ୍ପକୁ ଜଳେଶ୍ୱର ହାଇସ୍କୁଲ ପଡିଆରେ ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ରଥାଙ୍ଗଧର ରାଉତ, ଅଧୀକ୍ଷଣ ଯନ୍ତ୍ରୀ ଆଲୋକ କୁମାର ମହାନ୍ତି, ନିର୍ବାହୀ ଯନ୍ତ୍ରୀ ଅଶୋକ ପଣ୍ଡା, ସହକାରୀ ଯନ୍ତ୍ରୀ ନିହାର ରଞ୍ଜନ ବେହେରା ପ୍ରମୁଖ ଜଳେଶ୍ୱର ହାଇସ୍କୁଲ ପଡିଆ ପରିଦର୍ଶନ କରିଥିଲେ। 'ଟୋଟାଲ ଷ୍ଟେଶନ ମେସିନ' ଜରିଆରେ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିବା ସେମାନେ ପ୍ରକାଶ କରିଥିଲେ । ସେମାନଙ୍କ ସହିତ ପୌରପାଳିକା ଅଧ୍ୟକ୍ଷ ପ୍ରତୀପ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ଚିନ୍ମୟ କୁମାର ଦାସ, ହାଇସ୍କୁଲ ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ ଲେଆଉଟ୍ କାର୍ଯ୍ୟକ୍ରମ ବେଳେ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପ ୧ବର୍ଷ ମଧ୍ୟରେ ଶେଷ ହେବ ବୋଲି ଯନ୍ତ୍ରୀ ରାଉତ କହିଥିଲେ । ଏହି ଖେଳପଡିଆ ମଧ୍ୟରେ ୪ ପ୍ରକାର ଇନଡୋର ଖେଳ ହେବାକୁ ଯାଉଥିବା ବେଳେ ୩ ମହଲା ବିଶିଷ୍ଟ ଗୃହ ନିର୍ମାଣ ହେବ। ପଡିଆ ଚାରିପଟେ ଚଲାବୁଲା ପାଇଁ ରାସ୍ତା, ଜଳ ନିଷ୍କାସନ ବ୍ୟବସ୍ଥା, ଜିମ୍‌ର ବ୍ୟବସ୍ଥା, ଖେଳାଳିମାନଙ୍କ ରହିବା ସ୍ଥାନ ଆଦି ବ୍ୟବସ୍ଥା ହେବ ବୋଲି କହିଛନ୍ତି।



ଇନ୍‌ଡୋର ଷ୍ଟାଡ଼ିୟମ ନିର୍ମାଣ ଲାଗି ଯନ୍ତ୍ରୀମାନେ ଅନୁଧ୍ୟାନ କରୁଛନ୍ତି।

# ପୂର୍ବତନ ପାରିଷଦ ଇକ୍‌ବାଲ ଖାନ୍‌ଙ୍କ ପରଲୋକ

**ଭଦ୍ରକ ଅଫିସ, ୧୩।୫**



ଇକ୍‌ବାଲ ଖାନ।

ଭଦ୍ରକ ପୌର ପରିଷଦର ପୂର୍ବତନ ପାରିଷଦ ଇକ୍‌ବାଲ ଖାନ୍(୭୦)ଙ୍କ ଶୁକ୍ରବାର ପରଲୋକ ହୋଇଛି। ଦୀର୍ଘମାସ ଧରି ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ପୂର୍ବତନ ପାରିଷଦ ଜେବା ଇକବାଲ, ଭାଣିଜୀ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, ଭଉଣୀ ପୂର୍ବତନ ପୌର ଉପାଧ୍ୟକ୍ଷା ତାହେରା ଖାତୁନଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଇକ୍‌ବାଲ ୩ ଥର ଭଦ୍ରକ ପୌର ପରିଷଦର ପାରିଷଦ ରହିବା ସହ ବିଜେଡିର ବିଭିନ୍ନ ସାଙ୍ଗଠନିକ ପଦ ପଦବୀରେ ରହି ନିଷ୍ଠାର ସହ କାର୍ଯ୍ୟ ତୁଲାଇଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ରାଜ୍ୟ ସମ୍ପାଦକ ଇଂ. ପ୍ରୟାସକାନ୍ତି ସାମଲ, ମଳୟ ଜେନା, ବିଜେଡି ନଗର ସଭାପତି ତାହେର ମହମ୍ମଦ, ଶୁଭଙ୍କର ମହାପାତ୍ର, ଜାହିଦ ହବିବ୍‌ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁରୁଣାବଜାର ଛଡ଼ାକମହଲାସ୍ଥିତ ତାଙ୍କ ବାସଭବନରେ ଶେଷଦର୍ଶନ କରିଥିଲେ।

# ଧାମନଗର ମହାବିଦ୍ୟାଳୟରେ ଖୋଲିଲା ଏନ୍‌ସିସି

**ଧାମନଗର, ୧୩।୫ (ଡି.ଏନ.ଏ/ସ୍ୱ.ପ୍ର.)**

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଲକ୍ଷ୍ୟ ଓ ସେବା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶ ଓ ଜାତି ପ୍ରତି ଅନୁରାଗ ସୃଷ୍ଟି କରିବ। ଧାମନଗର ମହାବିଦ୍ୟାଳୟରେ ଏନ୍‌ସିସି ଖୋଲିବା ଦ୍ୱାରା ଅଞ୍ଚଳ ତଥା ଏହି ଶିକ୍ଷାନୁଷ୍ଠାନରେ ନୂଆ ସ୍ୱପ୍ନ ଓ ସମ୍ଭାବନା ସୃଷ୍ଟି ହେବ ବୋଲି ଓଡ଼ିଶା ବାଟାଲିୟନ, ଭଦ୍ରକ ଅଧୀନରେ ନୂଆ କରି ଖୋଲିଥିବା ସମର ଶିକ୍ଷାର୍ଥୀ ବାହିନୀ ଶାଖାର ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଏନ୍‌ସିସି ପଦାତିକ ବାହିନୀ ମୁଖ୍ୟ କମାଣ୍ଡର ଲେଫ୍ଟନାଣ୍ଟ କର୍ଣ୍ଣେଲ କେ ଶାନ୍ତା ସିଂ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଏନ୍‌ସିସି କାର୍ଯ୍ୟାଳୟ ମୁଖ୍ୟ ଅଫିସ ସହାୟକ ରବି ନାରାୟଣ ପଣ୍ଡା। ଅଧ୍ୟାପିକା ବାସ୍ତବିକା ଦାସ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ଅଧ୍ୟାପକ ଆଶୀର୍ବାଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ବନମାଳି ଦାଶ, ସମୀର କୁମାର ହୁଇ, ବିନାୟକ ସାହୁ, ପ୍ରଦୀପ କୁମାର ରାୟ, ସଞ୍ଜୟ କୁମାର ପଣ୍ଡା, ସଜଳ ମହାନ୍ତି, ଅଜୟ କୁମାର ବେଜ, ବୈରଗଞ୍ଜନ ଦାଶ, ପ୍ରଶାନ୍ତ କୁମାର ପରିଡ଼ା, ମନୋଜ କୁମାର କର ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ସ୍ମରଣିକା ପ୍ରଧାନ, କଲ୍ୟାଣୀ ଦାସ, ଆଦ୍ୟାରଶ୍ମି ମିଶ୍ର, ସୁଶ୍ରୀ ସଙ୍ଗୀତା ନାୟକ, ସାଜିଆ ତମକିନ ପ୍ରମୁଖ ପରିଚାଳନା କରିଥିଲେ।

# ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା

**ବାଲିଆପାଳ, ୧୩।୫(ସ୍ୱ.ପ୍ର.)**





ବୈଠକରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବାଲିଆପାଳ ବିଡିଓ ଦୀପକ କୁମାର ଦାଶ ଓ ଅନ୍ୟମାନେ।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଶୁକ୍ରବାର ବାଲିଆପାଳ ବ୍ଲକ ସଭାଗୃହ ମଧ୍ୟରେ ବାଲିଆପାଳ ପଞ୍ଚାୟତ ସମିତିର ପ୍ରଥମ ବୈଠକ ହୋହଲ୍ଲା ମଧ୍ୟରେ ଶେଷ ହୋଇଛି। ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବାଲିଆପାଳ ବିଡ଼ିଓ ଦୀପକ କୁମାର ଦାଶ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଏମ୍‌ପି ପ୍ରତିନିଧି ମହେଶ୍ୱର ଜେନା, ୨୪ନଂ. ଜୋନ ଜିଲାପରିଷଦ ସଦସ୍ୟ ବାବାଜୀ ଦେହୁରୀ, ୨୩ନଂ. ଜୋନ ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ୨୨ନଂ. ଜୋନ ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ୨୧ନଂ. ଜୋନ ଜିଲା ପରିଷଦ ସଦସ୍ୟା କାଞ୍ଚନବାଳା ଜେନାଙ୍କ ସହିତ ସମସ୍ତ ନବନିର୍ବାଚିତ ସରପଞ୍ଚ ଓ ସମିତିସଦସ୍ୟଙ୍କ ସହିତ ବ୍ଲକର ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଫିସର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ବ୍ଲକ ପକ୍ଷରୁ ସମସ୍ତ ନବନିର୍ବାଚିତ ସମିତି ସଦସ୍ୟାସଦସ୍ୟ, ସରପଞ୍ଚଙ୍କ ସହିତ ନିମନ୍ତ୍ରିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯିବା ପରେ ସମସ୍ତ ନିର୍ବାଚିତ ଜନପ୍ରତିନିଧି ଶପଥଗ୍ରହଣ କରିଥିଲେ। ଏଜେଣ୍ଡା ଅନୁସାରେ ପ୍ରଥମେ ଯୋଗାଣ ବିଭାଗ ଓ ଖାଉଟି ବିଭାଗର ଆଲୋଚନା ଚାଲିଥିବା ବେଳେ ବଣିଆଡ଼ିହା ପଞ୍ଚାୟତ ସଦସ୍ୟ କଟି ମାରାଣ୍ଡି ନିଜ ପଞ୍ଚାୟତରେ ଗତ ୨୪ତାରିଖରେ କେନ୍ଦ୍ର ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ସରପଞ୍ଚ କାଳୀଚରଣ ଜେନା ତାଙ୍କୁ ସଭାରୁ ବାହାର କରିଦେଇଥିବା କଥା ବୈଠକରେ ଉଠାଇବାରୁ ବିଡିଓ ଦାସ ଉକ୍ତ କଥା ପରେ ଆଲୋଚନା ହେବ ବୋଲି କହିଥିଲେ। ଏହାକୁ ନେଇ ହୋହାଲ୍ଲା ଆରମ୍ଭ ହେବାରୁ ବିଧାୟକ ନିତ୍ୟାନନ୍ଦ ସାହୁ ନିଜ ସମର୍ଥିତ ସରପଞ୍ଚ, ସମିତିସଦସ୍ୟ, ଜିଲା ପରିଷଦ ସଦସ୍ୟଙ୍କୁ ନେଇ ସଭାଗୃହ ତ୍ୟାଗ କରିଥିଲେ। ମାତ୍ର କିଛି ସମୟରେ ପୁଣି ସଭା ଗୃହକୁ ଆସିବା ପରେ ସଭା ଆରମ୍ଭ ହୋଇଥିଲା। ଯୋଗାଣ ଓ ଖାଉଟି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଆବାସ ଯୋଜନା, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ବିଭିନ୍ନ ପଞ୍ଚାୟତରେ ସମସ୍ୟା, ଲୋକଙ୍କର ସମସ୍ୟା ବିଷୟରେ ଆଲୋଚନ ହେବା ପରେ ବିଡ଼ିଓ ଦାଶ ସମସ୍ତ କାର୍ଯ୍ୟ ତଦନ୍ତ କରାଯାଇ ସମାଧାନ କରାଯିବ ବୋଲି କହିଥିଲେ। ସଭା କାର୍ଯ୍ୟ ଅପରାହ୍ଣ ସାଢେ ୩ଟା ପର୍ଯ୍ୟନ୍ତ ବାକ୍‌ବିତଣ୍ଡା ଭିତରେ ଚାଲିଥିଲା। ଉପାଧ୍ୟକ୍ଷ ରାଜେଶ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

